## ଘରେବସି ମୋବାଇଲ୍‌ରେ କୃଷିସମ୍ବନ୍ଧୀୟ ଜ୍ଞାନ ପାଆନ୍ତୁ

## ଜୟ କିସାନ୍ ଜୟ ବିଜ୍ଞାନ ଦିବସ ପାଳନ

କୃଷି ବିଜ୍ଞାନ କେନ୍ଦ୍ର, ସୁନ୍ଦରଗଡ଼-୨ ପକ୍ଷରୁ ସୁନ୍ଦରଗଡ଼ ଜିଲ୍ଲାର ବିଶ୍ରା ବ୍ଲକରେ ଥିବା ଖଟନକୁଦର ଗ୍ରାମରେ ଗତ ଡ଼ିସେମ୍ବର ୨୪ ତାରିଖଟିକୁ ଜୟ କିଶାନ ଜୟ ବିଜ୍ଞାନ ଦିବସ ରୂପେ ପାଳନ କରାଯାଇଥିଲା । ଏହି ଉତ୍ସବରେ ବିଶ୍ରା ବ୍ଲକର ସହକାରୀ କୃଷି ଅଧିକାରୀ ଶ୍ରୀଯୁକ୍ତ ଦୋଳମଣି ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ । କୃଷି କାର୍ଯ୍ୟରେ ବୈଜ୍ଞାନିକ ପଦ୍ଧତିର ଗୁରୁତ୍ୱ ଓ ମହତ୍ତ୍ୱ ବିଷୟରେ ଆଲୋକପାତ କରି ଆଧୁନିକ କୃଷି ପ୍ରଣାଳୀକୁ ଆପଣେଇ ନେବାପାଇଁ ଉପସ୍ଥିତ ଋଷୀମାନଙ୍କୁ ଅତିଥିମାନେ ଉଦ୍‌ବୋଧନ ଦେଇଥିଲେ । କିପରି କମ୍ ପରିଶ୍ରମ ଓ ଖର୍ଚ୍ଚରେ ଅଧିକ ଅମଳ ହୋଇପାରିବ, ପାରମ୍ପାରିକ କୃଷି



ବଦଳରେ ଆଧୁନିକ ପ୍ରଯୁକ୍ତିବିଦ୍ୟା ଓ ଜ୍ଞାନକୌଶଳ ଅବଲମ୍ବନକରି କମ୍ ଜମିରୁ ଅଧିକ ଅମଳ ମିଳିପାରିବ ସେ ସଂପର୍କରେ ବୈଜ୍ଞାନିକମାନେ ଚାଷୀଭାଇମାନଙ୍କୁ ଶିକ୍ଷା ପ୍ରଦାନ କରିଥିଲେ । ଅନ୍ୟୁନ ୧୦୦ରୁ ଉର୍ଦ୍ଧ୍ୱ ଋଷୀ ଓ ମହିଳା ଯୋଗ ଦେଇଥିଲେ ଏବଂ ସଭା ଶେଷ ହେବା ପରେ ରୋଡ଼-ସୋ କାର୍ଯ୍ୟକ୍ରମରେ ଭାଗନେଇ କୃଷିର ଉପଯୋଗିତା ବିଷୟରେ ସ୍ଲୋଗାନ ଦେଇ ଗ୍ରାମରେ ପରିକ୍ରମା କରିଥିଲେ ।



## ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ଼ ବଣ୍ଟନ



ମୃତ୍ତିକା ପରୀକ୍ଷା କରିବାଦ୍ୱାରା ମାଟିର ଉର୍ବରତା ଜଣାଯିବା ସହ ସେଠାରେ କି ପ୍ରକାର ଫସଲ କରାଯାଇ ପାରିବ ଏବଂ ସେଥିପାଇଁ କେଉଁ ସାର ଓ ଔଷଧ ବ୍ୟବହାର କରିବାକୁ ପଡ଼ିବ ତାହା ଚାଷୀମାନଙ୍କୁ ପୂର୍ବରୁ ସୂଚାଇ ଦିଆଯାଇଥାଏ । ଫଳରେ ଚାଷରେ ଅଧିକ ଅମଳ ମିଳିବା ସହିତ ଚାଷୀର ଖର୍ଚ୍ଚ ମଧ ବହୁ ପାରିମାଣରେ କମ୍ ହୋଇଯାଏ । ଏହି ସୁବିଧା କୃଷି ବିଜ୍ଞାନ କେନ୍ଦ୍ରରେ ବିନାମୂଲ୍ୟରେ ଉପଲବ୍ଧ ହୋଇଥାଏ ।

କୃଷି ବିଜ୍ଞାନ କେନ୍ଦ୍ର, ସୁନ୍ଦରଗଡ଼-୨, ରାଉରକେଲା ତରଫରୁ ଗତ ଡ଼ିସେମ୍ବର ୫ ତାରିଖରେ ଆନ୍ତର୍ଜାତୀୟ ମୃତ୍ତିକା ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଥିଲା । ସୁନ୍ଦରଗଡ଼ ଜିଲ୍ଲାର ଗୁରୁଣ୍ଡିଆ ବ୍ଲକର ଥିବା ମାନ୍ୟବର ସାଂସଦଙ୍କ ତରଫରୁ ପୋଷ୍ୟଗ୍ରାମ ରୂପେ ପରିଚିତ ନୂନିଆପାଲି ଗ୍ରାମରେ ଏହି ଉତ୍ସବ ପାଳିତ ହୋଇଥିଲା । ପୂର୍ବରୁ ସଂଗୃହିତ ମୃତ୍ତିକା ନମୂନାକୁ ପରୀକ୍ଷା କରାଯାଇ ଆବଶ୍ୟକୀୟ ସୂଚନା ଲିପିବଦ୍ଧ ହୋଇଥିବା କାର୍ଡ଼ ଅନ୍ୟୁନ ୧୦୦ଜଣ ଋଷୀଙ୍କୁ ବଣ୍ଟନ କରାଯାଇଥିଲା ।

ଏହି ଉତ୍ସବରେ ଆମ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଜୟନ୍ତ କୁମାର ପତି ପୌରୋହିତ କରିଥିବାବେଳେ କେନ୍ଦ୍ରର ବୈଜ୍ଞାନିକମାନେ ଯୋଗଦେଇଥିଲେ । ଗୁରୁଣ୍ଡିଆ ବ୍ଲକର ଚେୟାରମ୍ୟାନ୍ ଅପିନ୍ଦ୍ର କିଶାନମୁଖ୍ୟ ଅତିଥିଭାବେ ଯୋଗଦେଇ ଋଷୀମାନଙ୍କୁ ନିଜନିଜ ଜମିର ମାଟିକୁ ପରୀକ୍ଷାକରିବା ପାଇଁ ଉଦ୍‌ବୋଧନ ଦେଇଥିଲେ ।



### ସଂପାଦନା

**ପ୍ରକାଶକ ଓ ମୁଖ୍ୟ ସଂପାଦକ**
ଜୟନ୍ତ କୁମାର ପତି
କାର୍ଯ୍ୟକ୍ରମ ସଂଯୋଜକ

**ସଂପାଦନା ମଣ୍ଡଳୀ**
ଶ୍ରୀଯୁକ୍ତ ସଞ୍ଜୟ କୁମାର ପ୍ରଧାନ
ଶ୍ରୀମତୀ ବିଜୟଲକ୍ଷ୍ମୀ ସାହୁ

**ସହାୟତା:**
ସୋମଦତ୍ତ ମହାନ୍ତି

**ଯୋଗାଯୋଗ:**
କୃଷିବିଜ୍ଞାନ କେନ୍ଦ୍ର, ହକିଛକ, ପାନପୋଷ
ରାଉରକେଲା- ୭୬୯୦୦୪
ଫୋନ: ୦୬୬୧-୨୬୬୪୦୫୦
E-mail: rourkelakvk@gmail.com
www.kvksundargarh2.org

This News letter is Printed, Published & Owned by Programme Co-ordinator, KVK, Sundargarh-II, Rourkela, Dist: Sundargarh, Pin: 759004, Phone: 0661-2664050, e-mail: rourkelakvk@gmail.com, Web: www.kvksundargarh2.org, Printed at: ankitagraphics, BBSR, Cell: 9437077337
**Chief Editor:** Dr. Jayant Kumar Pati



ତ୍ରୟମାସିକ କୃଷି ସମାଚାର ପତ୍ର

# ଇସ୍ପାତ କୃଷି ବାର୍ତ୍ତା

# The Ispat Krushi Bartta

Krishi Vigyan Kendra, Sundargarh-II
Orissa University of Agriculture & Technology, Bhubaneswar

କୃଷି ବିଜ୍ଞାନ କେନ୍ଦ୍ର, ସୁନ୍ଦରଗଡ଼-୨
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

ଚତୁର୍ଥ ବର୍ଷ | ଅକ୍ଟୋବର-ଡିସେମ୍ବର ୨୦୧୬ | ତୃତୀୟ ସଂଖ୍ୟା

## ବରିଷ୍ଠ ବୈଜ୍ଞାନିକ ତଥା ମୁଖ୍ୟଙ୍କ କଲମରୁ...



କୃଷି ବିଜ୍ଞାନ କେନ୍ଦ୍ର, ସୁନ୍ଦରଗଡ଼-୨ ରାଉରକେଲାରେ ଅବସ୍ଥିତ । ଏହି କୃଷି ବିଜ୍ଞାନ କେନ୍ଦ୍ର ଆରମ୍ଭ ହେବା ଦିନଠାରୁ ସ୍ଥାନୀୟ ଅଧିବାସୀଙ୍କ ସାମାଜିକ ଓ ଅର୍ଥନୈତିକ ସ୍ଥିତି, ଆବଶ୍ୟକତା, ସମସ୍ୟାକୁ ଅନୁଧ୍ୟାନ କରି ସେମାନଙ୍କୁ ରୋଜଗାର ଯୋଗାଇବା ପାଇଁ କାର୍ଯ୍ୟ କରି ଆସୁଅଛି । ଏଥିନିମନ୍ତେ କୃଷକ ଜମିରେ ନୂଆ ଜ୍ଞାନ କୌଶଳର ପରୀକ୍ଷଣ, ଆଗୁଆ ଧାଡ଼ି କ୍ଷେତ୍ର ପ୍ରଦର୍ଶନ, କୃଷକ ତାଲିମ୍ ଓ ବିଭିନ୍ନ ସମ୍ପ୍ରସାରଣ ଭିତ୍ତିକ କାର୍ଯ୍ୟକ୍ରମ କରାଯାଉଅଛି । ମୋବାଇଲ୍ ମାଧ୍ୟମରେ ଜିଲ୍ଲାର ବହୁ ଋଷୀଙ୍କୁ ଆବଶ୍ୟକ ଅନୁସାରେ ବୈଜ୍ଞାନିକ ଭିତ୍ତିକ ତଥ୍ୟ, ପାଣିପାଗର ସମ୍ଭାବନା ଉପରେ ସଚେତନ କରାଯାଉଛି । କୃଷିରେ ଯନ୍ତ୍ରପାତିର ବ୍ୟବହାରକୁ ଆଦୃତ କରିବା ପାଇଁ ତଥା ବ୍ୟବସାୟିକ କୃଷିକୁ ପ୍ରସାର କରିବାକୁ ପ୍ରଚେଷ୍ଟା ଜାରି ରହିଛି । ଆମ ଜିଲ୍ଲାର କୃଷିରେ ମୁଖ୍ୟତଃ ମହିଳାମାନେ ନିୟୋଜିତ; ସେମାନଙ୍କ ରୋଜଗାର ବଢ଼ାଇବା ପାଇଁ ଓ କୃଷିରେ ଶ୍ରମର ଲାଘବ କରିବା ପାଇଁ ବିଭିନ୍ନ ଯନ୍ତ୍ର ପ୍ରଦର୍ଶନ କରାଯାଉଛି । ଏହା ବ୍ୟତୀତ ସେମାନଙ୍କ ପାଇଁ ଛତୁଋଷ, ଫୁଲ ଋଷ, କୁକୁଡ଼ା ପାଳନ, ମହୁଋଷ, ଖାଦ୍ୟ ପ୍ରକ୍ରିୟାକରଣ ମାଧ୍ୟମରେ କୃଷି ଭିତ୍ତିକ ରୋଜଗାର ପନ୍ଥା ଯୋଗାଇ ଦିଆଯାଉଛି । ଏହି କେନ୍ଦ୍ରରେ ଏକ ଛତୁ ପ୍ରଶିକ୍ଷଣ କେନ୍ଦ୍ର, କୁକୁଡ଼ା ପାଳନ କେନ୍ଦ୍ର ଓ ବିଭିନ୍ନ ପନିପରିବା ନର୍ସରୀ କରାଯାଇ ଋଷୀମାନଙ୍କୁ ସୁଲଭ ମୂଲ୍ୟରେ ଉନ୍ନତମାନର ଉତ୍ପାଦ ଯୋଗାଇଦିଆଯାଉଛି । କୃଷି ବିଜ୍ଞାନ କେନ୍ଦ୍ରର ଉପରୋକ୍ତ କାର୍ଯ୍ୟଗୁଡ଼ିକ ଋଷୀମାନଙ୍କୁ ବେଶ୍ ପ୍ରଭାବିତ କରୁଛି ଓ ତାହା ସେମାନଙ୍କ ରୋଜଗାର ବଢ଼ାଇବାରେ ସହାୟକ ହୋଇପାରୁଛି । ଏହି ସଂସ୍କରଣ ବିଗତ ମାସମାନଙ୍କରେ କେନ୍ଦ୍ର ତରଫରୁ ଗ୍ରହଣ କରାଯାଇଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ସମୂହର କିୟଦଂଶ ।

ଆଶା କରୁଛି, କୃଷି ବିଜ୍ଞାନ କେନ୍ଦ୍ରରୁ ପ୍ରକାଶିତ ଏହି କୃଷି ଭିତ୍ତିକ ପତ୍ରିକା କେନ୍ଦୁଝରୀର ନବମ ବର୍ଷର ପ୍ରଥମ ସଂଖ୍ୟା ଆମ ଜିଲ୍ଲାର କୃଷକ, କୃଷିଜୀବି ମହିଳା, ଯୁବକ, ଯୁବତୀ ଓ ଜିଲ୍ଲାରେ କୃଷି ତଥା ଆନୁଷଙ୍ଗିକ ବିଭାଗରେ କାର୍ଯ୍ୟ କରୁଥିବା ସଂପ୍ରସାରଣ ଅଧିକାରୀମାନଙ୍କ ପାଇଁ ଏକ ଆଲୋକ ବର୍ତ୍ତିକା ଭାବେ ପରିଗଣିତ ହେବ ।



## ଫଟୋ ସମାଚାର









## ବିଶ୍ୱ ଖାଦ୍ୟ ଦିବସ ପାଳନ

ଦେଶର ସମ୍ପ୍ରତି କ୍ରମବର୍ଦ୍ଧିଷ୍ଣୁ ଜନ ସମାଜର ଚାହିଦା ନିମନ୍ତେ ଖାଦ୍ୟ ଉତ୍ପାଦନ ଓ ଖାଦ୍ୟ ସୁରକ୍ଷା ଭଳି ସମ୍ବେଦନଶୀଳ ଦିଗକୁ ଦୃଷ୍ଟି ରଖି ପ୍ରତି ବର୍ଷଭଳି ଏହି ବର୍ଷ ଅକ୍ଟୋବର ୧୬ତାରିଖ ଦିନ ନୂଆଗାଁ ବ୍ଲକ ଅନ୍ତର୍ଗତ ଚିକିଟିଆ ଗ୍ରାମରେ କୃଷି ବିଜ୍ଞାନ କେନ୍ଦ୍ର ସୁନ୍ଦରଗଡ଼- ୨ ତରଫରୁ ବିଶ୍ୱ ଖାଦ୍ୟ ଦିବସ ପାଳନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ୫୦ରୁ ଉର୍ଦ୍ଧ୍ୱ କୃଷକ, କୃଷିଜୀବି ମହିଳା ଏବଂ କୃଷି ଶିଳ୍ପସହ ଜଡ଼ିତ ବ୍ୟକ୍ତିବିଶେଷ ଅଂଶ ଗ୍ରହଣ କରିଥିଲେ । କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ମଣ୍ଡଳୀ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ମହତ ଅନୁଚିନ୍ତାକୁ ଚାଷୀମାନଙ୍କ ନିକଟରେ ପରିବେଷଣ କରିଥିଲେ । ଖାଦ୍ୟ ଉତ୍ପାଦନ ଓ ଏହାର ସୁଷମ ବଣ୍ଟନ ସହ ଖାଦ୍ୟ ଗ୍ରହଣ କରିବା ସମସ୍ତଙ୍କର ମୌଳିକ ଅଧିକାର ଉପରେ ଆଲୋକପାତ କରିଥିଲେ ।



## ବର୍ଷା ଦିନିଆ ଝୁଡଙ୍ଗର ଫଳକ୍ଷେତ୍ର ପରୀକ୍ଷଣ

କୃଷି ବିଜ୍ଞାନ କେନ୍ଦ୍ର, ରାଉରକେଲା ତରଫରୁ ନିଜର ପୋଷ୍ୟଗ୍ରାମ ଗୁଡ୍ଡୁଗୁଡ଼ାଠାର ଝୁଡଙ୍ଗ ଫସଲ ଉପରେ ଏକ କ୍ଷେତ୍ର ପରୀକ୍ଷଣ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଥିଲା । ଏହା ମାଧ୍ୟମରେ ଚାଷୀମାନଙ୍କୁ ତିନୋଟି ଉନ୍ନତ କିସମର ଝୁଡଙ୍ଗ ବିହନ ପ୍ରଦାନ କରାଯାଇଥିଲା । ଏଥିପାଇଁ ଝୁଡଙ୍ଗ ଚାଷ ବିଷୟରେ ସେମାନଙ୍କୁ ଆବଶ୍ୟକୀୟ ତାଲିମ ପ୍ରଦାନ କରାଯାଇଥିଲା ଏବଂ ସେହି ଜ୍ଞାନ କୌଶଳକୁ ଅବଲମ୍ବନ କରି ଝୁଡ଼ଙ୍ଗର ତିନୋଟି କିସମ ଯଥା: କାଶୀକାଞ୍ଚନ, ଗାୟତ୍ରୀ ଏବଂ ଉତ୍କଳ ମାଣିକ ଉତ୍ପାଦନ କ୍ଷମତାକୁ ପରୀକ୍ଷା କରାଯାଇଥିଲା । ଚାଷୀମାନେ ପ୍ରାୟ ୨୦ଡ଼ିସିମିଲ୍ ଜମିରୁ ପ୍ରତ୍ୟେକ କିସମକୁ ଚାଷକରି କାଶୀକାଞ୍ଚନର ୮.୭ କ୍ୱିଣ୍ଟାଲ, ଗାୟତ୍ରୀରୁ ୫.୮ କ୍ୱିଣ୍ଟାଲ ଏବଂ ଉତ୍କଳ ମାଣିକର ୬.୪ କ୍ୱିଣ୍ଟାଲ ଅମଳ ପାଇଥିଲେ । ତିନୋଟିଯାକ କିସମ ମଧ୍ୟରୁ କାଶୀକାଞ୍ଚନର ଅମଳକ୍ଷମତା, ସ୍ୱାଦ ଓ ବଜାରରେ ଗ୍ରାହକ ପସନ୍ଦଯୋଗ୍ୟ ହୋଇଥିଲା ।



## କୃଷିଜୀବି ମହିଳା ଦିବସ ପାଳିତ



ଆଜି ମହିଳାମାନେ ମଧ୍ୟ କୃଷି କାର୍ଯ୍ୟରେ ଶ୍ରମଦାନ ଠାରୁ ଆରମ୍ଭ କରି ଅନେକ କୁଶଳୀକାର୍ଯ୍ୟ କରିବାକୁ ସକ୍ଷମ ହେଲେଣି । କୃଷି ବିଜ୍ଞାନ କେନ୍ଦ୍ର, ରାଉରକେଲା-୨ ତରଫରୁ ଲାଠିକଟା ବ୍ଲକର ନଦୀଟୋଲା ଗ୍ରାମରେ ଚଳିତ ବର୍ଷ ଡ଼ିସେମ୍ବର ୪ ତାରିଖରେ କୃଷିଜୀବୀ ମହିଳା ଦିବସ ପାଳନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ୫୦ରୁ ଅଧିକ କୃଷିଜୀବୀ ମହିଳା ଯୋଗଦେଇଥିଲେ । କୃଷି ବିଜ୍ଞାନ କେନ୍ଦ୍ର ବୈଜ୍ଞାନିକ ମଣ୍ଡଳୀ ଓ ଏସ୍.ଓ.ଏସ୍. ଅନୁଷ୍ଠାନର କାର୍ଯ୍ୟକର୍ତ୍ତାମାନେ ଯୋଗଦେଇ କୃଷି କାର୍ଯ୍ୟରେ ମହିଳାମାନଙ୍କ ଅବଦାନ ଓ ଉନ୍ନତି ବିଷୟରେ ଆଲୋକପାତ କରିଥିଲେ । କୃଷି କ୍ଷେତରେ ମହିଳାମାନଙ୍କ ଶ୍ରମଲାଘବ ନିମନ୍ତେ ପ୍ରସ୍ତୁତ ହୋଇଥିବା ବିଭିନ୍ନ ଯନ୍ତ୍ରପାତି ସଂପର୍କରେ ସେମାନଙ୍କୁ ଧାରଣା ଦିଆଯାଇଥିଲା । ଆଦିବାସୀ ଅଧ୍ୟୁଷିତ ନଦୀଟୋଲା ଗ୍ରାମର ମହିଳାମାନେ କୃଷି ବିଜ୍ଞାନ କେନ୍ଦ୍ରର କାର୍ଯ୍ୟକ୍ରମ ବିଷୟରେ ଅବଗତହୋଇ ବିଶେଷ ଉତ୍ସାହିତ ହୋଇଥିଲେ ।

## ବିରି ଫସଲର ଆଗୁଆ ଧାଡ଼ି ପ୍ରଦର୍ଶନ



କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ଗୁରୁଣ୍ଡିଆ ବ୍ଲକର ଲଚ୍ଛଡା ଓ ନୁନିଆପାଲି ଗ୍ରାମରେ ୭୫ଜଣ ଚାଷୀଙ୍କର ୩୦ ହେକ୍ଟର ଜମିରେ ବିରିର ଉନ୍ନତ କିସମ ପି.ୟୁ-୩୫ର ପ୍ରଦର୍ଶନ କରାଯାଇଥିଲା । ଏଥିରେ ଠିକ୍ ପ୍ରଣାଳୀରେ ବିହନ ଉପଚାର କରିବା ସଙ୍ଗେ ସଙ୍ଗେ ଅନୁମୋଦିତ ମାତ୍ରାରେ ରାସାୟନିକ ସାର ଓ ଔଷଧ ପ୍ରୟୋଗ କରିବା ପାଇଁ ଧାଡ଼ି ବୁଣା କରାଯାଇଥିଲା । ଏହି ପ୍ରଦର୍ଶିତ କ୍ଷେତରୁ ଚାଷୀମାନେ ହେକ୍ଟର ପ୍ରତି ୯ କ୍ୱିଣ୍ଟାଲ ଅମଳ ପାଇଥିଲେ ଯାହାକି ତାଙ୍କ ପାରମ୍ପାରିକ କିସମ ଅପେକ୍ଷା ଶତକଡ଼ା ୨୫ଭାଗ ଅଧିକ ଥିଲା । ଏହି କିସମଟି ଚାଷୀଭାଇମାନଙ୍କ ମଧ୍ୟରେ ଖୁବ୍ ଆବୃତ ହୋଇଛି ଏବଂ ସେମାନେ ଭବିଷ୍ୟତରେ ଏହି ପଦ୍ଧତିରେ ବିରି ଚାଷକରି ଅଧିକ ଲାଭବାନ ହେବାର ଲକ୍ଷ୍ୟ ରଖିଛନ୍ତି ।

## ଗ୍ରାମାଞ୍ଚଳର ଯୁବକମାନଙ୍କ ନିମନ୍ତେ ଧନ୍ଦାମୂଳକ ତାଲିମ ଶିବିର

କୃଷି ବିଜ୍ଞାନ କେନ୍ଦ୍ର, ସୁନ୍ଦରଗଡ଼- ୨ ପକ୍ଷରୁ ଗ୍ରାମାଞ୍ଚଳର ବେକାର ଯୁବକମାନଙ୍କ ନିମନ୍ତେ ଏକ ଧନ୍ଦାମୂଳକ ତାଲିମ ଶିବିର ଆୟୋଜନ କରାଯାଇଥିଲା । ଏହି ଶିବିରର ବ୍ୟବସାୟିକ ଭିତ୍ତିରେ ଉଦ୍ୟାନ ଫସଲର ବଂଶ ବିସ୍ତାର ସମ୍ବନ୍ଧରେ ତାଲିମ ପ୍ରଦାନ କରାଯାଇଥିଲା । ଲାଠିକଟା ଓ ନୂଆଗାଁ ବ୍ଲକର ୧୦ଜଣ ଯୁବକ ଏହି ତାଲିମରେ ଉପସ୍ଥିତ ରହି ଫଳଗଛର ବଂଶ ବିସ୍ତାର ପାଇଁ ହେଉଥିବା ବିଭିନ୍ନ ପ୍ରକ୍ରିୟା ତଥା ପୃଥକୀକରଣ, କାଟ କଲମୀ, ମାଟି କଲମୀ, ସଂଯୋଜନ ଏବଂ କଳିକା କଲମୀ ବିଷୟରେ ଅବଗତ ହୋଇଥିଲେ । ବରିଷ୍ଠ ବୈଜ୍ଞାନିକ ତଥା କେନ୍ଦ୍ରର ମୁଖ୍ୟ ଜୟନ୍ତ କୁମାର ପତିଙ୍କ ପୌରହିତରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଆମ କେନ୍ଦ୍ରର ଉଦ୍ୟାନ ବିଶେଷଜ୍ଞ ଶ୍ରୀ ସଂଜୟ କୁମାର ପ୍ରଧାନ ପରିଚାଳନା କରିଥିଲେ । ଭାଗ ନେଇଥିବା ଯୁବକମାନଙ୍କୁ ବିଭିନ୍ନ ଫଳ ଯଥା ଆମ୍ବ, ଲିଚୁ, ପିଜୁଳି, ଲେମ୍ବୁ, ଗୋଲାପ ଇତ୍ୟାଦିର ବଂଶ ବିସ୍ତାର କିପରି କରାଯିବ, କଲମୀ ଦ୍ୱାରା କିପରି ଶୀଘ୍ର ବଂଶ ବିସ୍ତାର ଓ ଅମଳ କରାଯାଇ ପାରିବ ଏହାକୁ ସେ ନିଜେ ପ୍ରସ୍ତୁତ କରି ଯୁବଗୋଷ୍ଠୀଙ୍କୁ ଶିଖାଇଥିଲେ । ଏହି ଶିକ୍ଷାପାଇଥିବା ଯୁବକମାନେ ଆଗାମୀ ଦିନରେ ବ୍ୟବସାୟିକ ସଫଳତା ପାଇବେ ବୋଲି ଆଶା କରାଯାଉଛି ।



## ମହୁଲ ଫୁଲର ମୂଲ୍ୟଯୁକ୍ତ ଦ୍ରବ୍ୟ ପ୍ରସ୍ତୁତିକରଣ

ଓଡ଼ିଶା କୃଷି ବିଶ୍ୱବିଦ୍ୟାଳୟର କୃଷି ଯାନ୍ତ୍ରିକ ଅନୁଷ୍ଠାନର ଅମଳ ପରବର୍ତ୍ତୀ ଜ୍ଞାନ କୌଶଳ ବିଭାଗ ତରଫରୁ ସହଯୋଗୀ ପ୍ରଫେସର ଡକ୍ଟର ଚିନ୍ମୟ କିଶୋର ବାକ୍ରା ଏବଂ ସହଯୋଗୀ ପ୍ରଫେସର ଡ଼କ୍ଟର ଉମା ଶଙ୍କର ପାଲଙ୍କ ଉଦ୍ୟମରେ କୃଷିବିଜ୍ଞାନ କେନ୍ଦ୍ର, ରାଉରକେଲା ଦ୍ୱାରା ବିଶ୍ରା ବ୍ଲକର ଖଟନକୂଦର ଗ୍ରାମରେ ଆଦିବାସୀ ମହିଳାମାନଙ୍କୁ ମହୁଲ ଫୁଲରୁ ମୂଲ୍ୟଯୁକ୍ତ ଦ୍ରବ୍ୟ ଯଥା: ମହୁଲ, ଲଡ୍ଡୁ, ମହୁଲ ସ୍କ୍ୱାସ, ମହୁଲ ଜାମ, ଆରଟିଏମ୍ ପ୍ରଭୃତି ପ୍ରସ୍ତୁତିକରଣ ଉପରେ ତାଲିମ ଓ ପ୍ରଦର୍ଶନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଆଦିବାସୀ ମହିଳାମାନେ ଜଙ୍ଗଲରୁ ମହୁଲ ସଂଗ୍ରହ କରି ଖରାରେ ଶୁଖାଇଥାନ୍ତି ଏବଂ ତାକୁ ୧୫ରୁ ୨୦ଟଙ୍କା ଦାମରେ ବେପାରୀମାନଙ୍କୁ ବିକ୍ରି କରିଥାନ୍ତି । ଫଳତଃ ଖରାତରାରେ ଜଙ୍ଗଲରେ ବୁଲି ମହୁଲ ଫୁଲ ସଂଗ୍ରହ କରୁଥିବା ଆଦିବାସୀ ମହିଳାମାନେ ଏଥିରୁ ଯେତିକି ପଇସା ପାଆନ୍ତି ତା'ଠାରୁ ଅଧିକ ମୁନାଫା ଉଠାନ୍ତି ସ୍ଥାନୀୟ ବେପାରୀମାନେ । ମହିଳାମାନଙ୍କୁ ଏହି ତାଲିମ ଦ୍ୱାରା ସେମାନେ ମହୁଲକୁ ଏକ ପୋଷକ ତତ୍ତ୍ୱଯୁକ୍ତ ଖାଦ୍ୟ ହିସାବରେ ବ୍ୟବହାର କରୁଛନ୍ତି ଏବଂ ମୂଲ୍ୟଯୁକ୍ତ ଦ୍ରବ ତିଆରିକରି ପୂର୍ବାପେକ୍ଷା ଅଧିକ ଲାଭ ପାଉଛନ୍ତି ।

